भाकृअनुप - केंद्रीय चावल अनुसंधान संस्थान

ଭା.କୃ.ଅନୁ.ପ.-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

(An ISO 9001: 2015 Certified Institute)

କୃଷି ସୂଚନା ସେବା (ଧାନ)

୨୦୨୫ ମସିହା ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

❖ ଶତକଡା ୮୦ ରୁ ୮୫ ଭାଗ ଧାନ ପାଚିଗଲା ପରେ କାଟି ଶୀଘ୍ର ଅମଳ କରିଦିଅନ୍ତୁ । ଅମଳ ପରେ ଧାନକୁ ଭଲଭାବେ ଖରାରେ ଶୁଖାଇ ସାଇତି ରଖନ୍ତୁ । ବିହନ ପାଇଁ ୧୨ ଶତକଡ଼ା ପର୍ଯ୍ୟନ୍ତ ଆର୍ଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡ଼ା ପର୍ଯ୍ୟନ୍ତ ଆର୍ଦ୍ରତା ରହିବା ଆବଶ୍ୟକ ।

❖ ବଜାରରେ ସୁଲଭ ମୂଲ୍ୟ ପାଇଁ ପ୍ରତ୍ୟେକ କିସମ ଅଲଗା ଭାବରେ ସଫାକରି ଧାନ ଶସ୍ୟକୁ ସୁପରଗ୍ରେନ ବ୍ୟାଗରେ ରଖନ୍ତୁ । ଅମଳ କରିଥିବା ଧାନକୁ ସଫା ଅଖାରେ ଭଲଭାବେ ପଲିଥିନ ଘୋଡେଇ ରଖନ୍ତୁ ଯେପରିକି ବର୍ଷାଦ୍ୱାରା କିଛି କ୍ଷତି ନହୁଏ ।

❖ ଧାନ ସାଇତି ରଖିଥିବା ପାତ୍ର ବା କୋଠାରୀରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ (ସମୁଦାୟ ୯ ଗ୍ରାମ୍ ଟାବ୍‌ଲେଟ୍) ଭଲ ଭାବେ ତାରପୋଲିନ୍ ଘୋଡାଇ ଧୂଆଁ କରନ୍ତୁ ଯେପରିକି କିଛି ଫାଙ୍କାଜାଗା ନ ରୁହେ । କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା କାଦୁଅ କିମ୍ବା ସେଲୋଟେପ୍‌ରେ ଭଲରେ ବନ୍ଦ କରନ୍ତୁ, ଯେପରିକି ଧୂଆଁ ବାହାରକୁ ନ ଆସେ । ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ବା ପାତ୍ରର ମୁହଁ ଭଲଭାବରେ ବନ୍ଦ କରନ୍ତୁ । ଲୋକଚଳପ୍ରଚଳ କରୁଥିବା ଜାଗାରେଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

ଏହି ସମୟରେ ଧାନରେ ବାଦାମୀଗୁଣ୍ଡିପୋକ, ଧଳା ପତ୍ରଡିଆଁ ପୋକ , ସବୁଜ ପତ୍ରଡିଆଁପୋକ ଏବଂ ଗନ୍ଧିପୋକ ଇତ୍ୟାଦି ଦେଖାଦେଇପାରେ । ଜମିରେ ପାଚିଲା ଧାନ ଅମଳ ହୋଇଥିବା ଅବସ୍ଥାରେ ଲେଡାପୋକ ଦେଖାଯାଏ । ସେଥିପାଇଁ ତଳେ ଦିଆଯାଇଥିବା ପୋକର ସଂଖ୍ୟା ଏବଂ ପ୍ରାଦୁର୍ଭାବ ଅବସ୍ଥା ସର୍ବେକ୍ଷଣ କରି ସେମାନଙ୍କୁ ଦମନ କରିବା ଦରକାର ।

❖ ମାଟିଆଗୁଣ୍ଡିପୋକ (ଚକଡାପୋକ) ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ମାଟି ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନ ରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ୯୪ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା ଡିନୋଟେଫ୍ୟୁରନ୍ ୨୦% ଏସ୍. ଜି. ୮୦ ଗ୍ରାମ୍ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. ୫୦ ମି.ଲି. କିମ୍ବା ୬୦ ଗ୍ରାମ୍ ଫ୍ଲୋନିସାମିଡ୍ ୫୦% ଡବ୍ଲ୍ୟୁ.ଜି. ପ୍ରୟୋଗ କରନ୍ତୁ । ଚକଡା ପୋକ ପ୍ରାଦୁର୍ଭାବ ଅଂଚଳରେ ଯବକ୍ଷାରଜାନଯୁକ୍ତ ସାର ବ୍ୟବହାର କରିବା ଅନୁଚିତ୍ । ଚକଡା ପୋକ ଦମନ ପାଇଁ ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ସାମୂହିକ ଭାବରେ ଅର୍ଥାତ୍ ପ୍ରଭାବିତ ଅଂଚଳର ସମସ୍ତ ଚାଷୀଭାଇମାନେ ଏକ ସମୟରେ ସିଂଚନ କରନ୍ତୁ ।

❖ ଯଦି ଗନ୍ଧିପୋକ ଦେଖାଯାଏ, ଏକର ପ୍ରତି ୨୦୦ ମି.ଲି. ଇଥୋଫେନୋପ୍ରକ୍ସ ୧୦ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପତ୍ର ସିଂଚନ କରନ୍ତୁ କିମ୍ବା ଏକର ପ୍ରତି ୧୦ କି.ଗ୍ରା. ମାଲାଥିଅନ୍ ୫ ଡି. ଗୁଣ୍ଡକୁ ସକାଳେ ଏବଂ ପବନ ନ ହେଉଥିବା ସମୟରେ ସମାନଭାବେ ସିଂଚନ କରନ୍ତୁ ।

❖ ଯଦି ସବୁଜ ପତ୍ରଡିଆଁ ପୋକ ଦେଖାଯାଏ, ତେବେ ଏକର ପିଛା ଆଜାଡିରାକ୍ଟିନ୍ ୫% ଡବ୍ଲ୍ୟୁ /ଡବ୍ଲ୍ୟୁ ୮୦ ମି.ଲି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍ ୫୦ ମି.ଲି. କିମ୍ବା ଥାୟାମେଥୋକ୍ସାମ୍ ୨୫ ଡବ୍ଲ୍ୟୁ.ଜି ୪୦

ଗ୍ରାମ୍ କିମ୍ବା ଏସିଫେଟ୍ ୭୫% ଏସ୍.ପି. ୪୦୦ ଗ୍ରାମ୍ କିମ୍ବା ଫିପ୍ରୋନିଲ୍ ୦.୩% ଜି.ଆର୍. ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ଏକର ପିଛା ୨୦୦ ଲିଟର ପାଣି ଆବଶ୍ୟକ ।

❖ ଯଦି କେଣ୍ଡାକଟା ସଂବାଲୁଆ ପୋକ ଦେଖାଯାଏ, ତେବେ ଏକର ପ୍ରତି ୪୦୦ ମି.ଲି. କୁଇନାଲଫସ୍ ୨୫ ଇ.ସି. କିମ୍ବା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. ଧାନ ବୁଦା ମୂଳରେ ସକାଳ ସମୟରେ ସିଂଚନ କରନ୍ତୁ । ଏକର ପ୍ରତି ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. ଜମିର ବନ୍ଧ କଡରେ ପ୍ରୟୋଗ କରିବା ଦ୍ୱାରା କେଣ୍ଡାକଟା ସଂବାଲୁଆ ପୋକକୁ ମାରିବା ସହିତ ଏହାକୁ ଗୋଟିଏ ଜମିରୁ ଅନ୍ୟ ଜମିକୁ ସ୍ଥାନାନ୍ତରଣ ହେବାରେ ରୋକିଥାଏ । ଉତ୍ତମ ଫଳାଫଳ ପାଇଁ ସୂର୍ଯ୍ୟାସ୍ତ ପରେ ସିଂଚନ କରନ୍ତୁ ।

ରାତିରେ ନିମ୍ନ ତାପମାତ୍ରା ଏବଂ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କେତେକ ରୋଗ ମଧ୍ୟ ଦେଖାଯିବାର ସମ୍ଭାବନା ଥାଏ, ସେଗୁଡିକ ହେଲା ସାଆରା ରୋଗ, ଗଣ୍ଠି /କେଣ୍ଡାରେ ମହିଷାରୋଗ । ସେଥିପାଇଁ ନିମ୍ନଲିଖିତ ଔଷଧ ପ୍ରୟୋଗ କରନ୍ତୁ ।

❖ ଗଣ୍ଠି କିମ୍ବା କେଣ୍ଡାରେ ମହିଷାରୋଗ ଦେଖା ଦେଲେ ଏକର ପ୍ରତି ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫ ଡବ୍ଲ୍ୟୁ.ଜି.) ୮୦ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୪୦୦ ଗ୍ରାମ ହିସାବରେ ସିଂଚନ କରନ୍ତୁ । ଏକର ପିଛା ୨୦୦ ଲିଟର ପାଣି ଆବଶ୍ୟକ ।

❖ ସାହାରା ରୋଗ ଦେଖାଦେଲେ ଏକର ପ୍ରତି ୪୦୦ ଗ୍ରାମ୍ କପର ହାଇଡ୍ରୋକ୍ସାଇଡ୍ ୭୭% (କୋକ୍ସାଇଡ ୧୦୧) କିମ୍ବା ୪୦୦ ଗ୍ରାମ୍ ଟେବୁକୋନାଜୋଲ ୨୫% (ଫୋଲିକର) ୭ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ ।

❖ କମ୍ ଆର୍ଦ୍ରତା ବା ଶୁଖା ପ୍ରଭାବିତ ଅଂଚଳରେ ଯେଉଁଠି ଧାନ ଫସଲ ହୋଇପାରି ନାହିଁ, ମଧ୍ୟମ ଓ ସ୍ୱଳ୍ପ ଖାଲୁଆ ଜମିରେ ମାଟିର ବତର ଦେଖି ଚାଷୀଭାଇମାନେ କୋଳଥ, ମୁଗ, ବିରି, ଝୁଡଙ୍ଗ, ମଟର, ଚିନାବାଦାମ, ମସୁର, ସୋରିଷ, ସୂର୍ଯ୍ୟମୁଖୀ, ଆଳୁ ଏବଂ ରାଶି ଇତ୍ୟାଦି ଅଳ୍ପଦିନିଆ ରବି ଫସଲ ହିସାବରେ କରିପାରିବେ ।

❖ ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆ ଜମି ଯେଉଁଠାରେ ଜଳସେଚନର ସୁବିଧା ନାହିଁ, ବିଭିନ୍ନ ଫସଲ ଯଥା ମଟର, ବିରି, ଖେସାରୀ, ରାଶି, ଅଳସୀ ଏବଂ ପେସି ଇତ୍ୟାଦି ପାଇରା ଫସଲ ହିସାବରେ ମାଟିର ବତର ଦେଖି ଧାନ କାଟିବାର ୧୦-୧୫ ଦିନ ପୂର୍ବରୁ ବୁଣନ୍ତୁ ।

*****